ଭାକୃଅନୁପ – ରାଷ୍ଟ୍ରୀୟ ଚାଉଳ ଅନୁସନ୍ଧାନ ସଂସ୍ଥାନ

ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

(An ISO 9001: 2015 Certified Institute)

କୃଷି ସୂଚନା ସେବା (ଧାନ)

୨୦୨୪ ମସିହା ଏପ୍ରିଲ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା

- କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ଏକର ପ୍ରତି ୩ ଗୋଟି ଯୌନ ସମ୍ବେଦନଶୀଳ ଯନ୍ତ୍ର। (ଫେରୋମନ୍ ଟ୍ରାପ୍) ରଖନ୍ତୁ । ଯେତେବେଳେ ଗୋଟିଏ ଦିନରେ ଯନ୍ତ୍ର। ପ୍ରତି ୪ ରୁ ୫ ପୁରୁଷ ପ୍ରଜାପତି ପଡିବେ, ତେବେ ଏକର ପିଛା। ନିମ୍ନ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ଏକର ପ୍ରତି ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ଏକର ପ୍ରତି କ୍ଲୋରାନ୍ଟ୍ରାନିଲିପ୍ରୋଲ ୪ କେ.ଜି ୦.୪% ଜି.ଆର୍ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ସମାନ ପରିମାଣର ଶୁଖିଲା ବାଲିରେ ମିଶାଇ ପ୍ରୟୋଗ କରନ୍ତୁ କିଭା ୧୦୦-୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଜି./ଏଲ୍ କିମ୍ବା ୬୦ ମି.ଲି. କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫%ଏସ୍.ସି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ରୁଆଧାନରେ ପିଲ ବାହାରିବା ସମୟରେ ଏକର ପ୍ରତି ୩୫ କି.ଗ୍ରା. ୟୁରିଆ ସହିତ ୧୧ କି.ଗ୍ରା. ଏମ୍.ଓ.ପି (ପଟାସସାର) ପ୍ରୟୋଗ କରନ୍ତୁ । କାଦୁଅ ବୁଣା ଧାନରେ ଏକର ପ୍ରତି ୨୨ କି.ଗ୍ରା. ୟୁରିଆ ସହିତ ୧୧ କି.ଗ୍ରା. ଏମ୍.ଓ.ପି. ପ୍ରୟୋଗ କରନ୍ତୁ ।
- ଯଦି ପତ୍ରଚିତା ରୋଗ ଦେଖାଦିଏ ତେବେ ଏକର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାଙ୍କୋଜେବ୍ ୬୩% ଡବ୍ଲ୍ୟୁ.ପି. କିମ୍ବା ଏକର ପ୍ରତି ୨୦୦ ମି.ଲି. ପ୍ରୋପିକୋନାଜୋଲ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ଏସ୍ଥି ପକ୍ଷରେ ବାୟୁମଣ୍ଡଳର ତାପମାତ୍ରା ସାଧାରଣଠାରୁ ଅଧିକ ରହିବ ଓ ଧିରେ ଧିରେ ବଢ଼ିବାର ପୂର୍ବାନୁମାନ ରହିଛି । ଅଧିକ ତାପମାତ୍ରା ସହିତ ମଝିରେ ମଝିରେ କାଳବୈଶାଖୀ ବର୍ଷାଯୋଗୁଁ ବାଦାମୀଗୁଣ୍ଡି ପୋକ (ବି.ପି.ଏଚ୍) ବା ଚକଡା ପୋକ ଆକ୍ରମଣର ଅଧିକ ସମ୍ଭାବନା ଅଛି । ବାଦାମୀଗୁଣ୍ଡି ପୋକର ଆର୍ଥିକ ଦେହଳୀ ସୀମାରେଖା ଅର୍ଥାତ୍ ୫-୧୦ ଗୋଟି ପୋକ ବୁଦା ପ୍ରତି ଦେଖାଦେଲେ ନିମ୍ନଲିଖିତ ଉପଦେଶଗୁଡିକ ଧ୍ୟାନରେ ରଖନ୍ତୁ । ଧାନ ଗଛର ସୂକ୍ଷ୍ମ ପରିବେଶକୁ ବଦଳାଇବା ଆବଶ୍ୟକ । ଯେପରିକି ଜମିକୁ କିଛିଦିନ ଆର୍ଦ୍ର ଏବଂ କିଛିଦିନ ଶୁଖିଲା କରିବା ଅର୍ଥାତ୍ ଅଧିକ ସମୟ ପର୍ଯ୍ୟନ୍ତ ଜମିରେ ଠିଆପାଣି ରଖନ୍ତୁ ନାହିଁ । ଏହା ସତ୍ତ୍ୱେ ଯଦି ପୋକ ନିୟନ୍ତ୍ରଣ ନହୁଏ ତେବେ ନିମ୍ନ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ଏକର ପିଛା ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦ % ଏସ୍.ସି. ୯୫ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଏସିଫେଟ୍ ୭୫% ଏସ୍. ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ବାଦାମୀଗୁଣ୍ଡି ପୋକ ଲାଗିଥିଲେ କେବଳ ଅନୁମୋଦିତ ଔଷଧ ହିଁ ଉପଯୁକ୍ତ ପରିମାଣର ବ୍ୟବହାର କରନ୍ତୁ ।
- ଯଦି ମହିଷାରୋଗ ଦେଖାଯାଏ, ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% + ଟେବୁକୋନାଜୋଲ ୫୦% ଏକର ପ୍ରତି ୮୦ ଗ୍ରାମ୍ କିମ୍ବା ଏଡିଫେନ୍‌ଫସ୍ ୫୦ ଇ.ସି. ଏକର ପ୍ରତି ୨୦୦ ମି.ଲି. କିମ୍ବା ଏକର ପ୍ରତି କାସୁଗାମାଇସିନ୍ ୩ ଏସ୍.ଏଲ୍. ୫୦୦ ମି.ଲି., ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

- ଯଦି ପତ୍ରପୋଡା ଦେଖାଯାଏ ତେବେ ଏହାର ନିୟନ୍ତ୍ରଣ ପାଇଁ ଏକର ପିଛା ୨୦୦ ଗ୍ରାମ୍ ପ୍ଲାଂଟୋମାଇସିନ୍ ସହିତ ୨୦୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ର ମିଶ୍ରଣକୁ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ଯଦି ଗନ୍ଧିପୋକର ଆର୍ଥିକ ଦେହଳୀ ସୀମା ଅର୍ଥାତ୍ ବୁଦାପ୍ରତି ୨ରୁ ଅଧିକ ଗନ୍ଧିପୋକ ଦେଖାଯାଏ ତେବେ ପ୍ରତି ଏକର ପିଛା ଇଥୋଫେନପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ମାଲାଥିଅନ୍ ୫ ଡି. ୧୦ କି.ଗ୍ରା. ଗୁଣ୍ଡକୁ ସକାଳେ ପବନ ନଥିବା ସମୟରେ ପ୍ରୟୋଗ କରନ୍ତୁ ।
- ଯଦି କେଣ୍ଡାକଟା ସଂବାଳୁଆ ଦେଖାଯାଏ ତେବେ ଏକର ପ୍ରତି ୪୦୦ ମି.ଲି. କୁଇନାଲଫସ୍ ୨୫ ଇ.ସି. କିମ୍ବା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. ସକାଳ ସମୟରେ ଧାନ ଗଛର ମୂଳକୁ ସିଂଚନ କରନ୍ତୁ ।
- ଯେଉଁ ଜମିରେ ମାଟିର ଆର୍ଦ୍ରତା ଅଛି ସେଠାରେ ପ୍ରଥମ ଖରାଟିଆ ଚାଷ କରି ଦିଅନ୍ତୁ ।
- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବା ପାଇଁ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ଵାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନଲୋଡ କରି ବ୍ୟବହାର କରିପାରିବେ ।

*****